### ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ଖୋର୍ଦ୍ଧା ଅଫିସ: ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ନନ୍ଦୀ ପେଟ୍ରୋଲ ପମ୍ପ ସମ୍ମୁଖରେ ଶୁକ୍ରବାର ଅଟୋ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବେଗୁନିଆ ଥାନା ଓଗାଳପୁର ଗ୍ରାମର ବିଶ୍ୱନାଥ ବେହେରା। ବିଶ୍ୱନାଥ ବାଇକ୍‌ରେ ଜଙ୍କିଆରୁ ଖୋର୍ଦ୍ଧା ଅଭିମୁଖେ ଫେରୁଥିଲେ। ନନ୍ଦୀ ପେଟ୍ରୋଲ ପମ୍ପ ନିକଟରେ ଆସୁଥିବା ଏକ ଅଟୋ ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବିଶ୍ୱନାଥ ରାସ୍ତା ପାର୍ଶ୍ୱକୁ ଛିଟିକି ପଡିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



## ସଂକ୍ଷେପରେ

### କାର୍ ଚାଳକଙ୍କୁ କଟୁରିରେ ଆକ୍ରମଣ

ନିରାକାରପୁର,୧୧।୯(ଡି.ଏନ୍.ଏ.): ନିରାକାରପୁର ବଜାରରେ ଶୁକ୍ରବାର ଦୁଇ ଜଣ ଯୁବକ କାର ଚାଳକଙ୍କୁ କଟୁରିରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ନିରାକାରପୁର ବଜାରରେ ଅପରାହ୍ନ ୫ଟା ୩୦ରେ ବଡ଼ପୋଖରିଆ ପଞ୍ଚାୟତର ଦୁଇ ଜଣ ଯୁବକ ବାଇକ୍‌ରେ ଆସୁଥିଲେ। ନିରାକାରପୁର ଷ୍ଟେଶନ ଅଞ୍ଚଳର ବାବାଜି ପ୍ରଧାନ କାର ନେଇ ଆସୁଥିବା ବେଳେ ବଜାରରେ ଭିଡ଼ ଥିବାରୁ କାରଟି ରାସ୍ତା ମଝିରେ ରହି ଯାଇଥିଲା। ପଛରୁ ଆସୁଥିବା ବଡ଼ପୋଖରିଆର ଦୁଇ ଯୁବକଙ୍କ ବାଇକ୍ ତାଙ୍କ କାରରେ ବାଜି ଯାଇଥିଲା। ଏହାପରେ କାର ଓ ବାଇକ୍ ଆରୋହୀଙ୍କ ମଧ୍ୟରେ ବଚସା ହୋଇଥିଲା।ଏଥିରେ ଉତ୍ତ୍ୟକ୍ତ ହୋଇ ଜଣେ ବାଇକ୍ ଚାଳକ କଟୁରିରେ ବାବାଜିଙ୍କ ମୁଣ୍ଡକୁ ପ୍ରହାର କରିଥିଲା। ବାବାଜିଙ୍କୁ ଗୁରୁତର ଅବସ୍ଥାରେ ଟାଙ୍ଗୀ ମେଡିକାଲରେ ଭର୍ତ୍ତି କରାଯାଇଛି। ସମ୍ପୃକ୍ତ ଦୁଇ ଯୁବକଙ୍କୁ ସ୍ଥାନୀୟ ଲୋକେ ଧରି ପୋଲିସ ଜିମା ଦେଇଥିଲେ।

### ବ୍ରହ୍ମପୁର ଫେରନ୍ତା ସେବାୟତଙ୍କୁ ନେଇ କରୋନା ଭୟ

ପୁରୁଣା ଭୁବନେଶ୍ୱର,୧୧।୯(ଡି.ଏନ୍.ଏ.): କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ଶ୍ରୀଲିଙ୍ଗରାଜ ମନ୍ଦିରରେ ନିତିକାନ୍ତି କରାଯାଉଛି। ଏହି ମନ୍ଦିରର ଜଣେ ସେବାୟତ ବ୍ରହ୍ମପୁରର ଫେରିଥିବା ବେଳେ ଶୁକ୍ରବାର ସକାଳେ ମନ୍ଦିରରେ ପହଞ୍ଚି ନିଯୋଗ ସେବା ଆରମ୍ଭ କରିଥିଲେ। ସେଠାରେ ଥିବା ଅନ୍ୟ ସେବାୟତମାନେ ବିରୋଧ କରିଥିଲେ। ଭୁବନେଶ୍ୱରକୁ ଆସିବା ପରେ ବିଏମ୍‌ସି ପକ୍ଷରୁ କୋଭିଡ୍ ପରୀକ୍ଷା କରାଯାଇ ତାଙ୍କର ରିପୋର୍ଟ ନେଗେଟିଭ୍ ଆସିଥିବା ସମ୍ପୃକ୍ତ ସେବାୟତ ଜଣଙ୍କ କହିଥିଲେ। ଏହା ପରେ ୧୪ଦିନ ହୋମ୍ କ୍ୱାରାଣ୍ଟାଇନ୍‌କୁ ନେଇ ବଚସା ହୋଇଥିଲା। ପରେ ସମ୍ପୃକ୍ତ ସେବାୟତ ସେଠାରୁ ପଳାଇଯାଇଥିଲେ। ଏ ସମ୍ପର୍କରେ ମନ୍ଦିର ସୁପରଭାଇଜର ରାଜକିଶୋର ମହାପାତ୍ର କହିଛନ୍ତି, ସମ୍ପୃକ୍ତ ସେବାୟତ ଜଣଙ୍କ ଅଗଷ୍ଟ ୨୭ରୁ ବ୍ରହ୍ମପୁରରୁ ଫେରିଲେଣି। ହୋମ୍ କ୍ୱାରାଣ୍ଟାଇନରେ ରହିବା ପରେ ସେପ୍ଟେମ୍ବର ୪ରେ ତାଙ୍କର କୋଭିଡ୍ ପରୀକ୍ଷା କରାଯାଇଥିଲା। ତାଙ୍କ ରିପୋର୍ଟ ନେଗେଟିଭ୍ ଆସିଥିଲା। ୧୫ଦିନ ପରେ ସେ ସେବା ଲାଗି ମନ୍ଦିର ଆସିଥିଲେ ବୋଲି ସେ କହିଛନ୍ତି।

### ଶିକ୍ଷାବିତ୍ ମହେନ୍ଦ୍ର ପଣ୍ଡାଙ୍କ ପରଲୋକ

ଭୁବନେଶ୍ୱର,୧୧।୯(ବ୍ୟୁରୋ.): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ପାଣିଛତ୍ର ଶାସନ ଗ୍ରାମର ଶିକ୍ଷାବିତ ମହେନ୍ଦ୍ର ପଣ୍ଡାଙ୍କ ଶୁକ୍ରବାର ପରଲୋକ ଘଟିଛି। ତାଙ୍କୁ ୮୩ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳର ଶୋକରଛାୟା ଖେଳିଯାଇଛି। ସେ ସୁନ୍ଦରଗଡ଼, କେନ୍ଦୁଝର, ଖଲ୍ଲିକୋଟ କଲେଜରେ ଅଧ୍ୟାପକ ଭାବେ କାର୍ଯ୍ୟ କରିଥିଲେ। ଶିକ୍ଷାବିତ ପଣ୍ଡା ଜଣେ ଛାତ୍ରବତ୍ସଳ, ପରୋପକାରୀ, ଆଦର୍ଶ ଅଧ୍ୟାପକ ଥିଲେ। ଅବସର ପରେ ଭିଏସ୍‌ଏସ୍ ନଗରରେ ଥିବା କ୍ରିୟା ଯୋଗ ଆଶ୍ରମର ଟ୍ରଷ୍ଟ ବୋର୍ଡର ଟ୍ରଷ୍ଟି ଭାବେ 'କୋଷାଧ୍ୟକ୍ଷ' ପଦବୀରେ ଆଜୀବନ ରହିଥିଲେ। ତାଙ୍କ ମୃତ୍ୟୁରେ ବହୁ ବୁଦ୍ଧିଜୀବୀ, ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଶୋକବ୍ୟକ୍ତ କରିଛନ୍ତି।

### ହରିବନ୍ଧୁ ସାହୁଙ୍କ ସ୍ମୃତିଚାରଣ ସଭା

ଟାଙ୍ଗୀ(ଖୋର୍ଦ୍ଧା),୧୧।୯(ଡି.ଏନ୍.ଏ.): ଶିକ୍ଷାବିତ୍ ହରିବନ୍ଧୁ ସାହୁଙ୍କ ଦ୍ୱାଦଶ ଦିବସରେ ଶୁକ୍ରବାର ପୁରାତନ ଛାତ୍ର ସଂସଦ ପକ୍ଷରୁ ବଳରାମ ଦେବ ମନ୍ଦିର ପ୍ରାଙ୍ଗଣରେ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଦ୍ମନାଭ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଏକ ମିନିଟ୍ ନୀରବ ପ୍ରାର୍ଥନା ପରେ ଅଧ୍ୟାପକ ଶୁଶୀଲ ମହାପାତ୍ର ଗୀତା ଆବୃତି କରିଥିଲେ। ସ୍ୱର୍ଗତ ସାହୁ ଏକାଧାରରେ ଜଣେ ସ୍ନେହୀ, ପରୋପକାରୀ, କର୍ତ୍ତବ୍ୟନିଷ୍ଠ, ଛାତ୍ରବତ୍ସଳ, ଆଦର୍ଶ ଶିକ୍ଷକ ଥିଲେ ବୋଲି ଅତିଥିମାନେ କହିଥିଲେ। ଏହି ସଭାରେ ରାମଚନ୍ଦ୍ର ମହାପାତ୍ର, ଶିକ୍ଷାବିତ୍ ମହେଶ୍ୱର ପ୍ରଧାନ, ବାସୁଦେବ ସିଂ, ଧ୍ୱଜ ବିଶ୍ୱାଳ, ପ୍ରସନ୍ନ ଶ୍ରୀଚନ୍ଦନ, ପ୍ରଦ୍ୟୁମ୍ନ ସାଥୁଆ, ସିଦ୍ଧାର୍ଥ ମିଶ୍ର, ବିବେକାନନ୍ଦ ଦାସ, ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜଧାନୀରୁ ଆଉ ୪ ଜୀବନ ଗଲା

ଭୁବନେଶ୍ୱର, ୧୧।୯ (ବ୍ୟୁରୋ)

**ଆକ୍ରାନ୍ତ ୧୫୩୭୫, ସୁସ୍ଥ ୧୦ହଜାର ପାର୍**

- ୪୧୩ ନୂଆ ପଜିଟିଭ୍ ଚିହ୍ନଟ, ୪୨୯ ସୁସ୍ଥ
- ଏବେ ବି ସହରରେ ୫୧୧୦ ସକ୍ରିୟ ସଂକ୍ରମିତ
- ମୃତକଙ୍କ ସଂଖ୍ୟା ୫୮କୁ ବୃଦ୍ଧି



ଭୁବନେଶ୍ୱରରେ କରୋନା ଗ୍ରାଫ୍ ଏବେ ପୂରା ଉପରମୁହାଁ ରହିଛି। ତେଣୁ ସଂକ୍ରମଣ ରୋକିବାକୁ ଏଠାରେ ଗଞ୍ଜାମ ରଣକୌଶଳ ଆପଣାଇବାକୁ ଯାଉଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ଏନେଇ ପ୍ରାଥମିକ ଭାବେ ପଦକ୍ଷେପ ଆରମ୍ଭ ହୋଇଥିବାବେଳେ ପୁଣି ଡରାଇଛି କରୋନା। ଶେଷ ୨୪ ଘଣ୍ଟାରେ ସହରରେ ପୁଣି ୪୧୩ଜଣ ସଂକ୍ରମିତ ହୋଇଛନ୍ତି। ଏହାକୁ ମିଶାଇ ଭୁବନେଶ୍ୱରରେ ଏବେ ସଂକ୍ରମିତଙ୍କ ସଂଖ୍ୟା ୧୫,୩୭୫ରେ ପହଞ୍ଚିଛି। ସେହିଭଳି ଆଉ ୪ଜଣଙ୍କ ଜୀବନ ନେଇଛି ଏହି ମହାମାରୀ। ଏଥିମଧ୍ୟରେ ୩ଜଣ ମହିଳା ଓ ଜଣେ ପୁରୁଷ ଥିବାବେଳେ ବୟସ ୫୧ରୁ ୭୪ବର୍ଷ ମଧ୍ୟରେ ରହିଛି। ଫଳରେ ସହରରେ କରୋନା ମୃତ୍ୟୁ ସଂଖ୍ୟା ୫୮କୁ ବୃଦ୍ଧି ପାଇଛି।

ବିଏମ୍‌ସି ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ, ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କମଧ୍ୟରୁ ୧୧୨ଜଣ ସଙ୍ଗରୋଧରୁ ରହିଥିବାବେଳେ ୩୦୧ ଜଣ ସ୍ଥାନୀୟ ସଂକ୍ରମିତ ଅଛନ୍ତି। ଲକ୍ଷ୍ମୀସାଗରରୁ ୧୨ଜଣ, କଳିଙ୍ଗ ନଗର, ୟୁନିଟ୍-୬ ଓ ପଟିଆରୁ ୮ଜଣ ଲେଖାଏ, ବରମୁଣ୍ଡା, ଝାରପଡ଼ା, ପୁରୁଣା ଭୁବନେଶ୍ୱର ଓ ପୋଲିସ୍ କର୍ମଚାରୀ ୭ଜଣ ଲେଖାଏ, ଆଇଆରସି ଭିଲେଜ୍, ବରମୁଣ୍ଡା, ବମିଖାଲ, ପଳାଶୁଣୀ ଓ ନୟାପଲ୍ଲୀରୁ ୬ଜଣ ଲେଖାଏ, ଚିନ୍ତାମଣିଶ୍ୱର, ଶହୀଦନଗର ଓ ରସୁଲଗଡ଼ରୁ ୫ ଜଣ ଲେଖାଏ ଚିହ୍ନଟ ହୋଇଥିବାବେଳେ ସିଆର୍‌ପିଏଫ୍ କ୍ୟାମ୍ପସ୍, ବିଜେବି ନଗର, ଭିଏସ୍‌ଏସ୍ ନଗର, ଶାସ୍ତ୍ରୀ ନଗର, ଶୈଳଶ୍ରୀ ବିହାର ଓ ଝାରପଡ଼ା ଦୁଇ ପୃଥକ ସ୍ଥାନରୁ ୪ଜଣ ଲେଖା। ଏ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହା ବ୍ୟତୀତ ଅନ୍ୟ ବିଭିନ୍ନ ସ୍ଥାନରୁ ଜଣେ ଦୁଇଜଣ ଓ ତିନିଜଣ ଲେଖାଏ ପଜିଟିଭ୍ ବାହାରିଛନ୍ତି।

ଏଥିସହ ଶନିବାର ବିଏମ୍‌ସି ଅଞ୍ଚଳରୁ ରେକର୍ଡ ସଂଖ୍ୟା ମୋଟ ୪୨୯ଜଣ ସୁସ୍ଥ ହୋଇଛନ୍ତି। ଫଳରେ ଆରୋଗ୍ୟ ସଂଖ୍ୟା ୧୦୧୮୪କୁ ବୃଦ୍ଧି ପାଇଛି। ବିଡିଏ କଲୋନୀରୁ ସର୍ବାଧିକ ୧୪, ନୟାପଲ୍ଲୀରୁ ୧୩, ଡୁମଡୁମା ଫେଜ୍-୧ ଓ ଆଇଗିଣିଆରୁ ୧୧, ନହରକଣ୍ଟାରୁ ୧୦, ପଟିଆ ବିଗ୍ ବଜାର ଓ ଉତ୍କଳ ୟୁନିଭର୍ସିଟି ଅଞ୍ଚଳରୁ ୯ ଜଣଙ୍କ ସମେତ ଅନ୍ୟ ଅଞ୍ଚଳରୁ ଆକ୍ରାନ୍ତମାନେ ସୁସ୍ଥ ହୋଇ ନିଜ ଘରକୁ ଫେରିଛନ୍ତି।

ବିଏମ୍‌ସିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଗୋଷ୍ଠୀ ସଚେତନତା ସହ ବିଏମ୍‌ସି ଏବେ କରୋନାକୁ ପ୍ରତିହତ କରିବାକୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିଛି। କିନ୍ତୁ ଲୋକଙ୍କ ସହଯୋଗ ବିନା ସଂକ୍ରମଣକୁ ରୋକାଯାଇ ପାରିବ ନାହିଁ। ସେ କହିଛନ୍ତି, ଏବେ ବି ଭୁବନେଶ୍ୱରରେ ୫ ହଜାରରୁ ଊର୍ଦ୍ଧ୍ୱ କରୋନା ଆକ୍ରାନ୍ତ ସକ୍ରିୟ ଅଛନ୍ତି। ଯଦି ଲୋକ ସତର୍କତା ଅବଲମ୍ବନ ନ କରନ୍ତି ତେବେ ସଂକ୍ରମଣ ଆହୁରି ବ୍ୟାପିବ। ଅବଶ୍ୟ ଆରୋଗ୍ୟ ହାର ବିଏମ୍‌ସି ଅଞ୍ଚଳରେ ଭଲ ରହିଛି। ଏହାସତ୍ତ୍ୱେ ବି ସଂକ୍ରମଣକୁ ପ୍ରତିହତ କରିବା ପାଇଁ ସଚେତନ ଓ ସତର୍କ ହେବା ନିହାତି ଜରୁରୀ ବୋଲି ସେ କହିଛନ୍ତି।

# ଜିଲା ଜଜ୍‌ଙ୍କ ଜେଲ ପରିଦର୍ଶନ



ପୁରୀ ଜିଲା ଏବଂ ଦୌରାଜଜ୍ ତଥା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ବିଦ୍ୟୁତ୍ କୁମାର ମିଶ୍ର ପୁରୀ ଜିଲା ଜେଲ୍ ପରିଦର୍ଶନ କରି ଫେରୁଛନ୍ତି।

ପୁରୀ ଅଫିସ,୧୧।୯

ପୁରୀ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ିବାରେ ଲାଗିଛି। ବିଭିନ୍ନ ଜେଲର ଅନ୍ତେବାସୀମାନେ ମଧ୍ୟ ଏହି ମହାମାରୀ ଦ୍ୱାରା ସଂକ୍ରମିତ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ପୁରୀ ଜିଲା ଏବଂ ଦୌରାଜଜ୍ ତଥା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ବିଦ୍ୟୁତ୍ କୁମାର ମିଶ୍ର ପୁରୀ ଜିଲା ଜେଲ୍ ଏବଂ ନିମାପଡ଼ା ସବ୍‌ଜେଲ ପରିଦର୍ଶନ କରିଛନ୍ତି। ଏହି ସମୟରେ ସିଭିଲ କୋର୍ଟ ରେଜିଷ୍ଟ୍ରାର ଅରୁଣ କୁମାର ପଟ୍ଟନାୟକ, ଆଇନ ସେବା ପ୍ରାଧିକରଣ ସଚିବ ଅମରେଶ ମହାପାତ୍ର, ଏଡିଏମ୍‌ଓ ଡ. ବିରଜା ଶଙ୍କର ରଥ, ୨ ଜେଲର ଅଧୀକ୍ଷକ ଏବଂ ଚିକିତ୍ସକ ଉପସ୍ଥିତ ଥିଲେ। ସମସ୍ତ ଜେଲରେ ଥିବା କୋଭିଡ୍ ଆଇସୋଲେଶନ ୱାର୍ଡ ବୁଲିଥିଲେ। ଏଥିସହ ଅନ୍ତୋବସୀଙ୍କ ଭଲମନ୍ଦ ପଚାରି ବୁଝିଥିଲେ। କରୋନା ସଂକ୍ରମଣଠାରୁ ଦୂରେଇ ରହିବା ପାଇଁ କ'ଣ କ'ଣ କରିବେ ସେ ବିଷୟରେ ସେମାନଙ୍କୁ ଅବଗତ କରାଯାଇଥିଲା। ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ ଅନୁଯାୟୀ ବନ୍ଦୀମାନେ ମାଗଣା ଆଇନ ସେବା ପାଇବା ପାଇଁ ଯୋଗ୍ୟ। ସେଥିଲାଗି ଏହି ୨ କାରାଗାରରେ ଲିଗାଲ ଏଡ୍ କ୍ଲିନିକ କାର୍ଯ୍ୟ କରୁଛି ବୋଲି ପ୍ରାଧିକରଣ ସଚିବ ମହାପାତ୍ର ସୂଚନା ଦେଇଥିଲେ।

# ଭାରତୀୟ ଜନତା ଯୁବମୋର୍ଚ୍ଚାର ବିକ୍ଷୋଭ




ଭାରତୀୟ ଜନତା ଯୁବମୋର୍ଚ୍ଚା ପକ୍ଷରୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

କଟକ ଅଫିସ,୧୧।୯

ରାଜ୍ୟ ସରକାରଙ୍କ ଛାତ୍ର ବିରୋଧୀ ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ ବିରୋଧରେ ଭାରତୀୟ ଜନତା ଯୁବମୋର୍ଚ୍ଚା ପକ୍ଷରୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ଅଧିନିୟମକୁ ସଂଶୋଧନ କରାଯିବା ନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ସିନେଟ ଉଚ୍ଛେଦ କରି ସିଣ୍ଡିକେଟ ପ୍ରତିଷ୍ଠା ଆଦି ବହୁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହେବା ନେଇ ଏକ ଅଭାସ ମିଳୁଛି। ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟରେ ଅବସ୍ଥାପିତ କୁଳପତିମାନଙ୍କ କ୍ଷମତା ସଙ୍କୁଚିତ କରିବା ସହ ସେମାନଙ୍କ ଭୂମିକାକୁ ଗୌଣ କରିବା, ବିଶ୍ୱବିଦ୍ୟାଳୟଗୁଡିକର କାର୍ଯ୍ୟଧାରାକୁ ସମ୍ପୂର୍ଣ୍ଣ ରାଜନୀତୀକରଣ ଓ ଅମଲାତାନ୍ତ୍ରୀକରଣ କରିବା ଭଳି ହୀନ ପ୍ରୟାସ କରିବା ପାଇଁ ଏହି ପରିବର୍ତ୍ତନ ଆଳରେ ସରକାର ଯୋଜନା ରଖିଛନ୍ତି ବୋଲି ସଙ୍ଗଠନର ସଭାପତି ସ୍ୱାଧୀନ ମହାନ୍ତି କହିଛନ୍ତି। ରାଜ୍ୟ ସରକାର ତୁରନ୍ତ ଏହି ଅଧିନିୟମକୁ ପ୍ରତ୍ୟାହାର କରିବାକୁ ସଙ୍ଗଠନ ଦାବି କରିଛି। ଏହା ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସରକାରଙ୍କୁ ସଙ୍ଗଠନ ଚେତାବନୀ ଦେଇଛି। ଏହି କାର୍ଯ୍ୟକ୍ରମରେ ସଙ୍ଗଠନ ସାଧାରଣ ସମ୍ପାଦକ ଗଗନ ଓଝା, ଉପସଭାପତି କୀର୍ତ୍ତିରଞ୍ଜନ ପଟ୍ଟନାୟକ, ମନୋଜ ସାହୁ, ଦୀପକ ଦାସ, ମଣ୍ଡଳ ସଭାପତି ପ୍ରଶାନ୍ତ ଦାସ, ଅମୂଲ୍ୟ କୁମାର, ରାଜେଶ ଭଞ୍ଜ ଓ ରାଜେନ୍ଦ୍ର ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।

## ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ଉଦ୍‌ଘାଟିତ

ସାଲେପୁର,୧୧।୯(ଡି.ଏନ୍.ଏ.)

ସାଲେପୁର ବ୍ଲକ୍ ଅଧୀନ କଟକ-ଚାନ୍ଦବାଲି ରାସ୍ତାର ପାଗା ମଧୁବଜାରରେ ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ଉଦ୍‌ଘାଟିତ ହୋଇଛି। ଶୁକ୍ରବାର ବିଧାୟକ ପ୍ରଶାନ୍ତ ବେହେରା ଏହାକୁ ଉଦ୍‌ଘାଟନ କରିଛନ୍ତି। ପ୍ରାରମ୍ଭରେ ସାଲେପୁର ବ୍ଲକ୍ ଯୁବ ବିଜେଡି ସଭାପତି ସଞ୍ଜିତ୍ ଦାଶ, ବିଶ୍ୱଜିତ୍ ଚାଟାର୍ଜୀ, ସୁଜ୍ଞାନ କିଶୋର ସାହୁଙ୍କ ନେତୃତ୍ୱରେ କର୍ମୀମାନେ ବିଧାୟକ ବେହେରାଙ୍କୁ ଉଦ୍‌ଘାଟନ ସ୍ଥଳ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। କାର୍ଯ୍ୟକ୍ରମରେ ସାଲେପୁର ବ୍ଲକ୍ ଆମ୍ବା ସଭାପତି ଦିଲୀପ ଦାଶ, ବହୁଗ୍ରାମ ସରପଞ୍ଚ ମିଲିରାଣୀ ବୋଷ, ସମିତିସଭ୍ୟା ରଞ୍ଜିତା ସେଠୀ, ସଞ୍ଜୟ ବେହୁରା, ବିଜୟ ରାୟ, ବିଶ୍ୱଜିତ୍ ବିଶ୍ୱାଳଙ୍କ ସମେତ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ପାଗା ମଧୁବଜାରରେ ଦୀର୍ଘବର୍ଷ ହେବ ଉଜ୍ଜ୍ୱଳ ଆଲୋକୀକରଣ ପାଇଁ ଦାବି ହେଉଥିଲା। ବ୍ୟବସାୟୀଙ୍କ ହିତ ଦୃଷ୍ଟିରୁ ଆଲୋକୀକରଣ କରାଯାଇଛି। ଆଗାମୀ ଦିନରେ ସାଲେପୁର ବ୍ଲକ୍ ଅଞ୍ଚଳର ଅନ୍ୟ କେତେକ ବଜାରକୁ ଆଲୋକୀକରଣ କରାଯିବ ବୋଲି ବିଧାୟକ ବେହେରା କହିଛନ୍ତି।

# ବନ୍ୟାଞ୍ଚଳ ପରିଦର୍ଶନ କଲା କଂଗ୍ରେସର ବନ୍ୟା ଅନୁସନ୍ଧାନକାରୀ କମିଟି

ପୁରୀ ଅଫିସ, ୧୧।୯

ପୁରୀ ଜିଲାର ବନ୍ୟା ପରିସ୍ଥିତି ଓ କ୍ଷୟକ୍ଷତିର ଅନୁସନ୍ଧାନ ପାଇଁ ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ବନ୍ୟା ଅନୁସନ୍ଧାନକାରୀ କମିଟି ଗଠନ କରାଯାଇଛି। କମିଟି ସଦସ୍ୟ ପ୍ରସାଦ ହରିଚନ୍ଦନ ଗତ ୬ ଓ ୮ ତାରିଖରେ ଜିଲା କଂଗ୍ରେସ କମିଟି ସଭାପତି ଅମିୟ କୁମାର ପଟ୍ଟନାୟକଙ୍କ ସହିତ ଜିଲାର ନିମାପଡ଼ା, ଅସ୍ତରଙ୍ଗ, କାକଟପୁର, ଗୋପ, ପିପିଲି, ଡେଲାଙ୍ଗ, କଣାସ ଓ ସତ୍ୟବାଦୀ ବ୍ଲକର ବିଭିନ୍ନ ବନ୍ୟାଞ୍ଚଳ ଗସ୍ତ କରି ବିପନ୍ନଙ୍କ ସହ ଆଲୋଚନା କରିଥିଲେ। ଆବଶ୍ୟକ ପରିମାଣର ରିଲିଫ୍ ଓ ଅନ୍ୟ ସହାୟତା ଯୋଗାଇ ଦିଆଯାଇ ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ସେହିପରି ଜିଲାର ହଜାର ହଜାର ହେକ୍ଟର ଚାଷଜମି ଜଳମଗ୍ନ ହୋଇଛି। ଖରିଫ ଫସଲ ଉତ୍ପାଦନ ହେବା ସମ୍ଭବ ନୁହେଁ। ବହୁ ଗାଁରେ ପାଣି ପଶି ମାଟିକାନ୍ଥ ଭାଙ୍ଗିଯାଇଛି। ଅଧିକାଂଶ ସ୍ଥାନରେ ପିଇବା ପାଣିଠାରୁ ଆରମ୍ଭ କରି ରିଲିଫ୍ ଯୋଗାଇ ଦିଆଯାଇ ନାହିଁ ବୋଲି ଜାଣିଥିଲେ। ତେଣୁ ବିପନ୍ନଙ୍କୁ ତୁରନ୍ତ ସହାୟତା, ବାସ୍ତବ କ୍ଷୟକ୍ଷତିର ଠିକ୍ ଆକଳନ, ଘରଭଙ୍ଗା ସହାୟତା, ଖରିଫ ଫସଲ କ୍ଷତି ଭରଣା ପାଇଁ ଗତବର୍ଷ ଖରିଫ ଚାଷର କୃଷିଋଣ ଛାଡ, ପ୍ରତି ଏକର ପିଛା ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ୨୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ, ବିନା ସୁଧରେ ରବିଚାଷ ପାଇଁ ଋଣ ଯୋଗାଣ, ମାଗଣା ବିହନ ଓ ପନିପରିବା ଚାଷ ପାଇଁ ମିନିକିଟ୍ ଯୋଗାଣ, କ୍ଷୟକ୍ଷତିର ବୀମା ସହାୟତା, ଗୋଖାଦ୍ୟ ଆଦି ଯୋଗାଇଦେବାକୁ ପୁରୀ ଜିଲା କଂଗ୍ରେସ କମିଟି ତରଫରୁ ଦୃଢ ଦାବି କରାଯାଇଛି। ହରିଚନ୍ଦନଙ୍କ ଏହି ଗସ୍ତ ସମୟରେ କାକଟପୁରର କଂଗ୍ରେସ ନେତା ବିଶ୍ୱଭୂଷଣ ଦାସ, ନିମାପଡ଼ାର ଦିଲୀପ କୁମାର ନାୟକ, ପିପିଲିର ଅଜିତ୍ କୁମାର ନାୟକ ଉପସ୍ଥିତ ଥିଲେ।

# ମୋରମ, ମାଙ୍କଡ଼ା ଚାଲାଣକୁ ଗ୍ରାମବାସୀଙ୍କ ବିରୋଧ

ଖୋର୍ଦ୍ଧା ଅଫିସ,୧୧।୯



**୨ ପାଓ୍ୱାର ଟିଲର ଜବତ**

ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକର ଅଙ୍ଗରପଡ଼ା ପଞ୍ଚାୟତର ମହୁଲ ଓ ମାଧିପୁର ମୌଜାସ୍ଥିତ କାଜୁ ଜଙ୍ଗଲରୁ ବେଆଇନ ଭାବେ ମୋରମ ଏବଂ ମାଙ୍କଡ଼ା ପଥର ଚାଲାଣ କରାଯାଉଛି। ଗୁରୁବାର ଶତାଧିକ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଏହାକୁ ବିରୋଧ କରିଥିଲେ। ଖବରପାଇ ତହସିଲଦାର ପ୍ରେମାଂଶୁ ଚାନ୍ଦ ପହଞ୍ଚି ୨ଟି ପାଓ୍ୱାର ଟିଲର ଜବତ କରିଥିଲେ। ଏନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ବେଆଇନ ପଥର ଚାଲାଣ ବନ୍ଦ ଲାଗି ତହସିଲଦାରଙ୍କ ନିକଟରେ ଦାବି କରିଥିଲେ। ସୂଚନା ଅନୁଯାୟୀ, ଏହି ମୌଜାରେ ପ୍ରାୟ ୫୦ଏକରରୁ ଊର୍ଦ୍ଧ୍ୱ କାଜୁ ଜଙ୍ଗଲ ରହିଛି। ଜଣେ ଠିକାଦାର ଏହି ଜଙ୍ଗଲରୁ କାଜୁ ମଞ୍ଜି ଗୋଟାଇବା ଲାଗି କାଜୁ ନିଗମ ପକ୍ଷରୁ ଲିଜ୍ ନେଇଛନ୍ତି। ତେବେ କାଜୁ ମଞ୍ଜି ଗୋଟାଇବା ଆଳରେ ସମ୍ପୃକ୍ତ ଠିକାଦାର ସହଯୋଗୀଙ୍କ ଜରିଆରେ ଦୈନିକ ଶହ ଶହ ଟ୍ରକ ମୋରମ ଓ ମାଙ୍କଡ଼ା ଜିଲା ତଥା ବାହାରକୁ ଚାଲାଣ କରୁଥିବା ଗ୍ରାମବାସୀ କହିଛନ୍ତି। ଫଳରେ ଏକର ଏକର ଜମିରେ ୫୦ଫୁଟରୁ ଉଚ୍ଚ ଖାତ ସୃଷ୍ଟି ହୋଇ କୃତ୍ରିମ ହ୍ରଦ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ତହସିଲଦାର ଚାନ୍ଦ କହିଛନ୍ତି, ଗ୍ରାମବାସୀଙ୍କଠାରୁ ଅଭିଯୋଗ ପାଇବା ପରେ ଉକ୍ତ ଅଞ୍ଚଳରେ ଚାଲିଥିବା ବେଆଇନ ପଥର ଚାଲାଣକୁ ବନ୍ଦ କରାଯିବା ସହ ତାଙ୍କୁ ଏଥିରୁ ନିବୃତ ଲାଗି ତାଗିଦ୍ କରାଯାଇଛି।

# ବନ୍ୟା କ୍ଷତିପୂରଣ ଦାବିରେ ବିକ୍ଷୋଭ

ଡେଲାଙ୍ଗ,୧୧।୯(ଡି.ଏନ୍.ଏ.)

ଚଳିତବର୍ଷ ଡେଲାଙ୍ଗ ବ୍ଲକରେ ବନ୍ୟାଜଳ ପ୍ରବେଶ କରିବା ଦ୍ୱାରା ଶହଶହ ଏକର ଧାନଚାଷ ଉଜୁଡ଼ି ପଡିଥିବା ବେଳେ ଅନେକ ଲୋକେ ପାଣି ଘେରରେ ରହିଛନ୍ତି। ଏହାସହ କଚା ଘରଗୁଡିକ ପାଣି ଘେରରେ ରହି ଅନେକ କାନ୍ଥ ଭାଙ୍ଗି ଲୋକେ ବାସହରା ହୋଇଗଲେଣି। ତେବେ ଏସବୁର ପ୍ରତିକାର ଓ ବିପନ୍ନଙ୍କ କ୍ଷତିପୂରଣ ଦାବିରେ ଶୁକ୍ରବାର ସିପିଆଇ ଏମ୍‌ଏଲ ପକ୍ଷରୁ ଡେଲାଙ୍ଗ ତହସିଲ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ଏହାସହ ୭ଦଫା ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଦୟାନଦୀରୁ ସୃଷ୍ଟି ହୋଇଥିବା ବନ୍ୟାଜଳ ଆସି ଡେଲାଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତରେ ପ୍ରବଳ କ୍ଷୟକ୍ଷତି ଘଟାଇଛି। କୃଷକ ଓ କ୍ଷେତ ମଜଦୁରମାନଙ୍କ କ୍ଷତିପୂରଣ ଦାବି କରାଯାଇଛି। କଣ୍ଟି ଓ ମାଧିପୁର କାଜକୁ ସବୁଦିନ ପାଇଁ ବନ୍ଦ କରାଯାଉ। ଦୟାନଦୀ ଉଭୟ ପାର୍ଶ୍ୱ ବନ୍ଧକୁ ଉଚ୍ଚ ଓ ପ୍ରଶସ୍ତି କରିବା ସହ ନଦୀ ଶଯ୍ୟାକୁ ଖନନ କରାଯାଉ। ଭାଗଚାଷୀ ଓ କୃଷକମାନଙ୍କୁ ବନ୍ୟାରେ କ୍ଷତିପୂରଣ ବାବଦରେ ଏକର ପିଛା ୩୦ ହଜାର ଟଙ୍କା ପ୍ରଦାନ କରାଯାଉ। କ୍ଷତିଗ୍ରସ୍ତ ପରିବାରକୁ ପକ୍କା ଘର ପାଇଁ ୩ ଲକ୍ଷ ଟଙ୍କା ଦିଆଯାଉ। ମଜଦୁରମାନଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ କାମ ଦେବା ସହ ଦୈନିକ ୫୦୦ ଟଙ୍କା ଲେଖାଏ ମଜୁରି ପ୍ରଦାନ କରାଯାଉ। ଛାତ୍ରୀଛାତ୍ରଙ୍କ ବିଦ୍ୟାଳୟ ଫି, ଖଜଣା, ଇଲେକ୍ଟ୍ରିଦେୟ ଛାଡ କରାଯାଉ। ଏହାସହ ଜନସାଧାରଣଙ୍କ ଯାତାୟାତ ସୁବିଧା ପାଇଁ ରାସ୍ତାଘାଟ ମରାମତି କରାଯିବା ନେଇ ସିପିଆଇ ଏମ୍‌ଏଲର ସଦସ୍ୟ ଅଶୋକ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର ରାଜେନ୍ଦ୍ର କୁମାର ଆଚାର୍ଯ୍ୟଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।




ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

## ଶ୍ମଶାନ ଜମି ଜବରଦଖଲ ଉଚ୍ଛେଦ ପାଇଁ ସ୍ମାରକପତ୍ର

ଆଠଗଡ଼,୧୧।୯(ଡି.ଏନ.ଏ)

ଆଠଗଡ଼ ଏନ୍‌ଏସି ଅନ୍ତର୍ଗତ ୭ନଂ. ୱାର୍ଡ ଶ୍ମଶାନ ଜମିର ଜବରଦଖଲ ଉଚ୍ଛେଦ ଓ ଶ୍ମଶାନର ଉନ୍ନତୀକରଣ ନେଇ ଦଳିତ ମହିଳାମାନଙ୍କ ପକ୍ଷରୁ ଉପଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମହିଳାମାନେ ଦାବି କରିଛନ୍ତି ଯେ, ସାଧାରଣବର୍ଗ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଶ୍ମଶାନରେ ଦଳିତମାନଙ୍କୁ ମୃତଦେହ ଦାହ କରିବାର ସୁଯୋଗ ମିଳୁନାହିଁ। ତେଣୁ ପୂର୍ବ ପୁରୁଷମାନେ ଉତ୍ତରାଚଣ୍ଡୀ ମନ୍ଦିର ପଛପାଖେ ଏକ ଖୋଲାସ୍ଥାନରେ ମୃତଦେହ ଦାହ କରିଆସୁଛନ୍ତି।

# କରୋନା ଭୟ: କ୍ଷେତ୍ର ପରିଦର୍ଶନକୁ ନା

କଟକ ଅଫିସ,୧୧।୯

- କଟକ ଜିଲା ପ୍ରାଣୀଧନ ନିରୀକ୍ଷକ ସଂଘର ଘୋଷଣା
- ସହକର୍ମୀଙ୍କ କରୋନାଜନିତ ମୃତ୍ୟୁ ଆଶଙ୍କା

କଟକ ଜିଲାରେ ଜଣେ ପ୍ରାଣୀଧନ ନିରୀକ୍ଷକଙ୍କ କରୋନା ଜନିତ ମୃତ୍ୟୁ ହୋଇଥିବା ଆଶଙ୍କା କରି ଜିଲା ପ୍ରାଣୀଧନ ନିରୀକ୍ଷକ ସଂଘ କ୍ଷେତ୍ର ପରିଦର୍ଶନ କାମ ଆସନ୍ତା ୧୨ତାରିଖରୁ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛି। ଶୁକ୍ରବାର ଜିଲା ପ୍ରାଣୀଧନ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଂଘ ସଭାପତି ରୁଦ୍ର କୁମାର ସାହୁ କହିଛନ୍ତି, କରୋନା କଟକଣାର ଊର୍ଦ୍ଧ୍ୱରେ ରହି କାମ କରିବା ଦ୍ୱାରା ଆମର ଜଣେ ସହକର୍ମୀଙ୍କ ମୃତ୍ୟୁ ହୋଇଛି। ବିଭାଗ କ୍ଷେତ୍ରୀୟ କର୍ମଚାରୀମାନଙ୍କୁ ବିଭିନ୍ନ ସମୟରେ ସରକାରୀ ପ୍ରକଳ୍ପଗୁଡିକ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରିବାକୁ କଷ୍ଟ ଦେଇଥାଏ। ବିଶେଷକରି ଏହି କରୋନା ସମୟରେ ଜାତୀୟ ପ୍ରାଣୀ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ, କୃତ୍ରିମ ପ୍ରଜନନ ଆଦି ଯୋଜନାକୁ ସଫଳ କରିବାକୁ ବାର୍ଷିକ ଧାର୍ଯ୍ୟ ଲକ୍ଷ୍ୟ ଛୁଇଁବା ପାଇଁ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲା। ଏହାସହ କୋଭିଡ୍ କଟକଣା ନିୟମର ବାହାରକୁ ଯାଇ କାମ କରିବାକୁ କୁହାଯାଉଥିଲା। ଫଳରେ କାମ କରିବା ସମୟରେ ସଂଘର କର୍ମକର୍ତ୍ତାମାନେ ବାରମ୍ବାର ସଂକ୍ରମିତ ହେଉଛନ୍ତି। ତେଣୁ ଗତ ୨୬ ତାରିଖରୁ ଜଣେ କର୍ମଚାରୀ ସଂକ୍ରମିତ ହୋଇ ଦୀର୍ଘଦିନ ଜ୍ୱରରେ ପଡିବା ପରେ ଗୁରୁବାର ହସ୍ପିଟାଲରେ ତାଙ୍କ ମୃତ୍ୟୁ ଘଟିଛି।

ସଂଘର ସୂଚନା ଅନୁଯାୟୀ, ସନ୍ତୋଷ କୁମାର ଜେଠୀ କଟକ ଜିଲା ଉରାଳୀରେ ପ୍ରାଣୀଧନ ନିରୀକ୍ଷକ ଭାବେ କାର୍ଯ୍ୟରତ ଥିଲେ। ନିୟମିତ କ୍ଷେତ୍ରୀୟ କାର୍ଯ୍ୟ କରିବାବେଳେ ଗତ ୨୬ ତାରିଖ ପରଠୁ ଜ୍ୱରରେ ପଡିଥିଲେ। ପରିବାର ଲୋକେ ତାଙ୍କ ଚିକିତ୍ସା କରାଇଥିଲେ ବି ଗତ ମଙ୍ଗଳବାର ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାକୁ ଲାଗିଲା। ତେଣୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ସ୍ୱାବ ପରୀକ୍ଷା କରାଯିବା ସହ କରୋନା ସମ୍ବନ୍ଧୀୟ ଚିକିତ୍ସା କରାଯାଇଥିଲା। କିନ୍ତୁ ଗୁରୁବାର ଅପରାହ୍ନରେ ତାଙ୍କ ମୃତ୍ୟୁ ଘଟିଥିଲା। ତେଣୁ ଜେଠୀଙ୍କୁ କରୋନା ଯୋଦ୍ଧା ଘୋଷଣା କରିବାକୁ ଦାବୀ ରଖିବା ସହ ତାଙ୍କ ପରିବାର ଲୋକଙ୍କୁ ୫୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି। ଏହି କ୍ରମରେ ମୃତକଙ୍କ ପରିବାରକୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ସଂଘ କାର୍ଯ୍ୟ ଦିବସରେ କେବଳ ଅଫିସରେ ରହି କାମ କରିବେ। ଏଣିକି ଘରକୁ ଘର ବୁଲି ସଂଘର ଆଉ କେହି ସଦସ୍ୟ କାମ କରିବେ ନାହିଁ ବୋଲି ଚେତାବନୀ ଦିଆଯାଇଛି। ଏହି ଅବସରରେ କଟକ ଜିଲାର ସମସ୍ତ ସଦସ୍ୟ ଉପସ୍ଥିତ ରହି ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏ ସମ୍ବନ୍ଧରେ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. କେଶବ ଚନ୍ଦ୍ର ପ୍ରଧାନ କହିଛନ୍ତି, ଜେଠୀଙ୍କ ବିୟୋଗ ଏକ ଦୁଃଖର ବିଷୟ। ବାକି ସମସ୍ତଙ୍କୁ ସମାନ କାମ ଦିଆଯାଉଛି। ସରକାରୀ ନିର୍ଦ୍ଦେଶ ସମସ୍ତଙ୍କୁ ପାଳନ କରିବାକୁ ହେବ। ସରକାରୀ ବ୍ୟବସ୍ଥା ମଧ୍ୟରେ ଯାହା ସମ୍ଭବ ହେବ ସେତିକି ଜେଠୀଙ୍କ ପରିବାର ପାଇଁ କରାଇବାକୁ ଚେଷ୍ଟା କରିବି।

